ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI
Follow us:

ବର୍ଷ-୬ | ସଂଖ୍ୟା-୧ | ସୋମବାର | ୨୪ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-1 | Monday | 24 March 2025 | Bhubaneswar | Pages-8 | Rs. 2.00

# ଓଡ଼ିଶାରେ ବିଦ୍ୟୁତ କ୍ଷେତ୍ରର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ ମନୋହର ଲାଲ

ଭୁବନେଶ୍ୱର, ୨୩।୩ (ପିଆଇବି): କେନ୍ଦ୍ର ଶକ୍ତି, ଆବାସ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ରବିବାର ଭୁବନେଶ୍ୱରଠାରେ ଓଡ଼ିଶାର ଶକ୍ତି କ୍ଷେତ୍ରର ବିକାଶ ଉପରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସହ ଏକ ବିସ୍ତୃତ ସମୀକ୍ଷା ବୈଠକ କରିଛନ୍ତି। ଏହି ବୈଠକରେ ପାଉଁଶ (ଫ୍ଲାଏ ଆଶ୍)ର ଉପଯୋଗ, କ୍ଷମତା ବୃଦ୍ଧି, ସଞ୍ଚାରଣ ଭିତ୍ତିଭୂମି ଏବଂ ବିଦ୍ୟୁତ ଆବଣ୍ଟନ ଭଳି ପ୍ରମୁଖ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ଫ୍ଲାଇ ଆଶ ଉପଯୋଗ ଲକ୍ଷ୍ୟ ପ୍ରାପ୍ତି ପ୍ରସଙ୍ଗରେ ମନୋହର ଲାଲ ଆଶ୍ୱାସନା ଦେଇଥିଲେ ଯେ, ଫ୍ଲାଇ ଆଶ ପରିବହନ ପାଇଁ ପର୍ଯ୍ୟାପ୍ତ ରେଳ ରେକ୍ ବ୍ୟବସ୍ଥା ସମେତ ଏହି ପ୍ରସଙ୍ଗର ବ୍ୟାପକ ସମାଧାନ ନିମନ୍ତେ କୋଇଲା, ପରିବେଶ ଏବଂ ରେଳ ମନ୍ତ୍ରଣାଳୟ ସହିତ ଏକ ମିଳିତ ବୈଠକ ଡକାଯିବ। ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରି ରାଜ୍ୟ ସରକାର ବୈଠକରେ ସୂଚନା ଦେଇଥିଲେ ଯେ, ଓଡ଼ିଶାରେ ବର୍ତ୍ତମାନ ୨୦ ଗିଗାୱାଟ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ ଉତ୍ପାଦନ କ୍ଷମତା ରହିଛି ଏବଂ ୧୦ ଗିଗାୱାଟ ଅତିରିକ୍ତ କ୍ଷମତା ବିକାଶ ପାଇଁ ଯୋଜନା କରାଯାଇଛି ଯାହା ଆସନ୍ତା ୫ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। କେନ୍ଦ୍ରମନ୍ତ୍ରୀ ଓଡ଼ିଶାରେ ଅଧିକ ପିଟ୍-ହେଡ୍ ତାପଜ ବିଦ୍ୟୁତ ପ୍ଲାଣ୍ଟର ବିକାଶକୁ ପ୍ରୋତ୍ସାହିତ କରିଥିଲେ, ଯେଉଁଥିରେ ଅନ୍ୟ ରାଜ୍ୟର ବିଦ୍ୟୁତ ଉତ୍ପାଦନ କମ୍ପାନୀ ସହିତ ମିଳିତ ଉଦ୍ୟୋଗ ସାମିଲ ରହିଛି। ସଞ୍ଚାରଣ କ୍ଷେତ୍ରରେ ଓଡ଼ିଶାର ରାଜ୍ୟବ୍ୟାପୀ ଯୋଜନା ରଣନୀତି ଏବଂ ଭୁବନେଶ୍ୱର ଓ କଟକ ଭଳି ସହରକୁ




ବିଦ୍ୟୁତ ଯୋଗାଣ ସୁଦୃଢ଼ କରିବା ଲାଗି ନିକଟରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ବୈଠକରେ ସୂଚନା ଦିଆଯାଇଥିଲା। ରାଇଟ୍ ଅଫ୍ ୱେ (ଆରଓଡବ୍ଲୁ) ସମସ୍ୟାର ସମାଧାନ ପାଇଁ ଓଡ଼ିଶା ପାୱାର ଟ୍ରାନ୍ସମିସନ୍ କର୍ପୋରେସନ୍ ଲିମିଟେଡ୍ (ଓପିଟିସିଏଲ) ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ମଧ କେନ୍ଦ୍ର ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ବୈଠକରେ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଥିଲେ, ଓଡ଼ିଶାର ରାଜ୍ୟବ୍ୟାପୀ ସଞ୍ଚାରଣ ନେଟୱର୍କ ଅଧୀନରେ ଗ୍ରୀନ୍ ଏନର୍ଜି କରିଡର ପ୍ରତିଷ୍ଠା ପ୍ରସ୍ତାବକୁ ସଂକଳନ ପ୍ରକ୍ରିୟା ସମାପ୍ତ ହେବା ପରେ ୩୧ ମାର୍ଚ୍ଚ, ୨୦୨୫ ପରେ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ଗ୍ରହଣ କରାଯିବ। ପୁନର୍ବିକଶିତ ବିତରଣ କ୍ଷେତ୍ର ଯୋଜନା (ଆରଡିଏସଏସ)ର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶାକୁ ସାମିଲ କରିବା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଶ୍ୱାସନା ଦେଇଥିଲେ ଯେ ଏହି ପ୍ରସଙ୍ଗକୁ ଉପଯୁକ୍ତ ଢଙ୍ଗରେ ଗ୍ରହଣ କରାଯିବ। ବିଦ୍ୟୁତ ଆବଣ୍ଟନ ସମ୍ପର୍କରେ ସେ କହିଥିଲେ ଯେ ଶକ୍ତି ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏନଏଲସିଆଇଏଲର ତଲାବିରା ତାପଜ ବିଦ୍ୟୁତ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟରୁ ଓଡ଼ିଶାକୁ ପର୍ଯ୍ୟାପ୍ତ ବିଦ୍ୟୁତ ମିଳିବ। କେନ୍ଦ୍ର ମନ୍ତ୍ରୀ ମନୋହର ଲାଲଙ୍କ ଏହି ଗସ୍ତ ଓଡ଼ିଶାର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଶକ୍ତି କ୍ଷେତ୍ରର ନିରନ୍ତର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସେହିପରି ଓଡ଼ିଶାର ସହରାଞ୍ଚଳ କେନ୍ଦ୍ରଗୁଡ଼ିକର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରି ମନୋହର ଲାଲ ଆଞ୍ଚଳିକ ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଭୁବନେଶ୍ୱର, କଟକ, ପୁରୀ ଏବଂ ଖୋର୍ଦ୍ଧାକୁ ଅଭିବୃଦ୍ଧି କେନ୍ଦ୍ର ଭାବରେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଭିତ୍ତିଭୂମିର ଉନ୍ନତି, ଶିଳ୍ପ ଏବଂ ବାଣିଜ୍ୟିକ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ରଣନୈତିକ ଯୋଜନା ଓ ସରକାରୀ-ଘରୋଇ ସହଭାଗୀତା ମାଧ୍ୟମରେ ସ୍ଥାୟୀ ସହରୀକରଣକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦିଆଯିବ ବୋଲି ସେ କହିଥିଲେ। ଏହି ବୈଠକ ସମୟରେ, ବୃହତ ଭୁବନେଶ୍ୱର ଅଞ୍ଚଳର ଅଂଶ ଭାବରେ ଏକ ନୂତନ ସହର ବିକଶିତ କରିବାର ପ୍ରସ୍ତାବ ଉପରେ ମୁଖ୍ୟତଃ ଆଲୋଚନା ହୋଇଥିଲା। ମନ୍ତ୍ରୀ ପ୍ରକଳ୍ପ ପାଇଁ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ଏବଂ ପଞ୍ଚଦଶ ଅର୍ଥ କମିଶନ ଏବଂ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ ପାଣ୍ଠି ସୁଯୋଗ ଅନୁସନ୍ଧାନ କରିବାକୁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ସରକାର ସ୍ଥାୟୀ ସହରାଞ୍ଚଳ ଗମନାଗମନକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରଧାନମନ୍ତ୍ରୀ ଇ-ବସ୍ ସେବା ଯୋଜନା ଅଧୀନରେ ଓଡ଼ିଶା ପାଇଁ ୪୦୦ଟି ଇଲେକ୍ଟ୍ରିକ୍ ବସ୍ ନିୟୋଜିତ କରିବାକୁ ଅନୁମୋଦନ କରିଛନ୍ତି। ମନୋହର ଲାଲ ପ୍ରସ୍ତାବିତ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପର ସମୀକ୍ଷା ମଧ କରିଥିଲେ ଏବଂ ସହରରେ ବର୍ଦ୍ଧିତ ସାର୍ବଜନୀନ ପରିବହନ ଆବଶ୍ୟକତା ପୂରଣ କରିବା ପାଇଁ ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ପୂର୍ଣ୍ଣ ସମର୍ଥନକୁ ପୁନର୍ବାର ଦୋହରାଇଥିଲେ। ଭୁବନେଶ୍ୱର ଏକ ପ୍ରମୁଖ ଆବାସ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମଏୱାଇ)ର ଶୁଭାରମ୍ଭ ସ୍ଥାନ ଥିଲାୟ ପିଏମଏୱାଇ -ସହରାଞ୍ଚଳ (ପିଏମଏୱାଇ-୨) ଅଧୀନରେ ୫୦,୦୦୦ ନୂତନ ଘର ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଏବଂ ମନ୍ତ୍ରୀ ଏହାର ଶୀଘ୍ର ଅନୁମୋଦନ ପାଇଁ ରାଜ୍ୟ ସରକାରଙ୍କ ସହିତ ସମନ୍ୱୟ ଜାରି ରଖିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମନ୍ତ୍ରୀ ଅଟଳ ମିଶନ ଫର୍ ରିଜୁଭେନେସନ୍ ଆଣ୍ଡ୍ ଅର୍ବାନ୍ ଟ୍ରାନ୍ସଫର୍ମେସନ୍ (ଅମୃତ) ଅଧୀନରେ ଓଡ଼ିଶା ଦ୍ୱାରା ୧୮ଟି ସହରରେ ଚାଲିଥିବା ୨୪×୭ ଜଳ ଯୋଗାଣ ପ୍ରକଳ୍ପ ଭଳି ମାଇଲଖୁଣ୍ଟ ହାସଲ କରିଥିବା ଅଗ୍ରଗତିକୁ ବିଶେଷ ଭାବରେ ପ୍ରଶଂସା କରିଥିଲେ। ସ୍ୱଚ୍ଛ ଭାରତ ମିଶନ ୨.୦ ଅଧୀନରେ, ରାଜ୍ୟ ପରିଷ୍କାର ପରିଚ୍ଛନ୍ନତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ପ୍ରଶଂସନୀୟ ଉନ୍ନତି ଦେଖାଇଛି। ମନ୍ତ୍ରୀ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ ଯେ ଯେଉଁ ସ୍ଥାନରେ ଦୀର୍ଘ ସମୟ ଧରି କଠିନ ଅଳିଆ ଜମା ହୋଇଛି ସେଗୁଡ଼ିକୁ ସଫା କରିବା, ଜମି ପୁନରୁଦ୍ଧାର କରିବା ଏବଂ ସବୁଜ ସହରାଞ୍ଚଳ ସ୍ଥାନ ସୃଷ୍ଟି କରିବା ପାଇଁ ପ୍ରାଥମିକତା ଦିଆଯାଉ। ଏହା ସହିତ, ମନ୍ତ୍ରୀ ପ୍ରଧାନମନ୍ତ୍ରୀ ରାସ୍ତାକଡ଼ ବିକ୍ରେତା ଆତ୍ମନିର୍ଭର ନିଧି (ପିଏମ ସ୍ୱନିଧି) ଯୋଜନାର ଦ୍ରୁତ କାର୍ଯ୍ୟାନ୍ୱୟନ • ପୃଷ୍ଠା ୭ ଦେଖନ୍ତୁ...

# ଆଜି ଓଡ଼ିଶା ଆସୁଛନ୍ତି ମହାମହିମ ରାଷ୍ଟ୍ରପତି



ଭୁବନେଶ୍ୱର, ୨୩।୩ (ଡିକେ ନ୍ୟୁଜ୍): ସୋମବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ମାର୍ଚ୍ଚ୨୪ତାରିଖ ଦିନ୧୨.୩୦ରେ ବାୟୁସେନା ବିମାନ ଯୋଗେ ସ୍ୱାମୀବିବେକାନନ୍ଦ ବିମାନବନ୍ଦର, ରାୟପୁର, ଛତିଶଗଡ଼ରୁ ବାହାରି ଦିନ୧.୩୦ମିନିଟରେ ଭୁବନେଶ୍ୱର ବିଜୁପଟ୍ଟନାୟକ ବିମାନବନ୍ଦରରେ ପହଁଚିବେ। ସେଠାରୁ ସେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ନୟାଗଡ଼ ଜିଲ୍ଲା କଣ୍ଟିଲୋନୀଳମାଧବ ମନ୍ଦିର ନିକଟସ୍ଥ ହେଲିପ୍ୟାଡରେ ଅବତରଣ କରିବେ। ସେଠାରୁ • ପୃଷ୍ଠା ୭ ଦେଖନ୍ତୁ...

# ମାର୍ଚ୍ଚ ୨୬ରେ ଶପଥ ନେବେ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି

କଟକ, ୨୩।୩ (ଡିକେ ନ୍ୟୁଜ୍): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ହରୀଶ ଟଣ୍ଡନ ମାର୍ଚ୍ଚ ୨୬ ତାରିଖ ପୂର୍ବାହ୍ଣ ୧୦ଟାରେ ଶପଥ ଗ୍ରହଣ କରିବେ। ଓଡ଼ିଶାର ମହାମହିମ ରାଜ୍ୟପାଳ ହରିବାବୁ କମ୍ଭମପଟି ନବନିଯୁକ୍ତ ମୁଖ୍ୟ ବିଚାରପତିଙ୍କୁ ଶପଥ ଗ୍ରହଣ କରାଇବେ। ଓଡ଼ିଶା ହାଇକୋର୍ଟ ପରିସରରେ ଏହି ସମାରୋହର ଆୟୋଜନ କରାଯାଉଛି। ଏହି ଅବସରରେ ହାଇକୋର୍ଟର ସମସ୍ତ ବିଚାରପତି, କର୍ମଚାରୀ, ବାର ଆସୋସିଏସନର ବରିଷ୍ଠ ସଦସ୍ୟ ପ୍ରମୁଖ ଉପସ୍ଥିତ ରହିବେ। ସୂଚନାଯୋଗ୍ୟ, ଜଷ୍ଟିସ୍ ହରୀଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ମିଳିଛି। ଏ ନେଇ ଦିନକ ପୂର୍ବରୁ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ କଲିକତା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ହରୀଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ରାଷ୍ଟ୍ରପତିଙ୍କ ପକ୍ଷରୁ ନିଯୁକ୍ତି ଦିଆଯାଇଥିବା ସଂପର୍କରେ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍ କଲିକତା • ପୃଷ୍ଠା ୭ ଦେଖନ୍ତୁ...

# ୨୦୪୭ ସୁଦ୍ଧା ଭାରତ ହେବ ବିକଶିତ ରାଷ୍ଟ୍ର

## ଏଆଇ କ୍ଷେତ୍ରରେ ଅଗ୍ରଗତିକୁ ବିଲ୍ ଗେଟ୍ସଙ୍କ ପ୍ରଶଂସା

ନୂଆଦିଲ୍ଲୀ, ୨୩।୩ (ହି.ସ): ଭାରତର ଅଭିବୃଦ୍ଧିରୁ ସମଗ୍ର ବିଶ୍ୱକୁ ଫାଇଦା ହେବ। ମାଇକ୍ରୋସଫ୍ଟ ସହ-ପ୍ରତିଷ୍ଠାତା ବିଲ୍ ଗେଟ୍ସ ଏହା କହିଛନ୍ତି। ମୁମ୍ବାଇରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସେ ଏହା ପ୍ରକାଶ କରିଛନ୍ତି। ଗେଟ୍ସ ଆହୁରି ଭାରତର ଦ୍ରୁତ ନବସୃଜନକୁ ପ୍ରଶଂସା କରିଛନ୍ତି। ସେ କହିଲେ ଯେ, ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଏହା କେବଳ ଭାରତରେ ପରିବର୍ତ୍ତନ ଆଣିବ ନାହିଁ ବରଂ ବିଶ୍ୱ ଉପରେ ବି ଏହାର ସକାରାତ୍ମକ ପ୍ରଭାବ ପଡ଼ିବ। ଗେଟ୍ସ କହିଲେ ଯେ, ଭାରତରେ ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଭଳି ପ୍ରମୁଖ କ୍ଷେତ୍ରକୁ ପ୍ରାଥମିକତା ଦିଆଯାଉଛି। ଏହାର ସକାରାତ୍ମକ ଗତିଶୀଳତା ଦେଖିବାକୁ ମିଳୁଛି। ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୃଶ୍ୟପଟକୁ ଆଶାଜନକ କହିବା ସହ ଗେଟ୍ସ କହିଲେ ଯେ, ଭାରତରେ ବିକାଶ ହାର ୫% ରହିବ



କି ୧୦%, ତାହାକୁ ନେଇ ତର୍କ ହେଉଛି। କିନ୍ତୁ ମୋତେ ଅନୁଭବ ହେଉଛି ଯେ, ଅଭିବୃଦ୍ଧି ୧୦% ପର୍ଯ୍ୟନ୍ତ ପହଞ୍ଚି ନ ପାରେ କିନ୍ତୁ ୫% ତଳକୁ ବି ଖସିବ ନାହିଁ। ଅର୍ଥନୈତିକ ଅଭିବୃଦ୍ଧି ସ୍ୱାସ୍ଥ୍ୟ ଏବଂ ଶିକ୍ଷାରେ ଅଧିକ ସରକାରୀ ନିବେଶକୁ ସକ୍ଷମ କରିବ, ଯାହାଦ୍ୱାରା ମହତ୍ୱପୂର୍ଣ୍ଣ ଅବସର ସୃଷ୍ଟି ହେବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ନେଇ ଗେଟ୍ସ କହିଲେ ଯେ, ଏହି ପ୍ରଯୁକ୍ତି ବିରାଟ ପରିବର୍ତ୍ତନ ଆଣିବ। ସେ ଏହାକୁ ମଧ ଖଣ୍ଡନ କରିଛନ୍ତି ଯେ, ଏଆଇ ଦ୍ୱାରା ବଡ଼ ଆକାରରେ ଚାକିରି ଚାଲିଯିବ। ଗେଟ୍ସ ଭାରତର ଏଆଇ ଡେଭଲପମେଣ୍ଟ ଆପ୍ରୋଚକୁ ପ୍ରଶଂସା କରିଛନ୍ତି। ସେ କହିଲେ ଯେ, ସ୍ଥାନୀୟ ଆବଶ୍ୟକତା ଅନୁସାରେ ଭାରତ ଓପନ୍-ସୋର୍ସ ଫାଉଣ୍ଡେସନ ମଡେଲକୁ ଆପଣାଇଛି। ଏହା ପ୍ରଶଂସନୀୟ। ଏହାଦ୍ୱାରା ଭାରତୀୟ ଭାଷାଗୁଡ଼ିକୁ ସପୋର୍ଟ ମିଳିବ। ଆଧାର ଏବଂ ୟୁପିଆଇ ସମେତ ଭାରତର ଡିଜିଟାଲ ପବ୍ଲିକ୍ ଭିତ୍ତିଭୂମିକୁ ପ୍ରଶଂସା କରିଛନ୍ତି ବିଲ୍ ଗେଟ୍ସ। ଏହା ବିଶ୍ୱ ପାଇଁ ଦେଶର ଅନ୍ୟତମ ମହତ୍ୱପୂର୍ଣ୍ଣ ଯୋଗଦାନ ବୋଲି ସେ କହିଛନ୍ତି। ଗେଟ୍ସ କହିଲେ ଯେ, ଯେତେଥର ଭାରତ ଆସିଛି ଅନେକ କମ୍ପାନି ଏହି ଡିଜିଟାଲ ଭିତ୍ତିଭୂମିର ଲାଭ ଉଠାଉଥିବା ଦେଖିଆସୁଛି। ସେ ବ୍ୟାଙ୍କିଙ୍ଗ୍ ହେଉ କିମ୍ବା ଷ୍ଟକ୍ ଟ୍ରେଡିଂ, ଭାରତର ନବସୃଜନ ଦ୍ରୁତ ବେଗରେ ଆଗକୁ ବଢ଼ୁଛି। ପ୍ରକାଶଯୋଗ୍ୟ, ମାଇକ୍ରୋସଫ୍ଟର ସହ-ପ୍ରତିଷ୍ଠାତା ବିଲ୍ • ପୃଷ୍ଠା ୭ ଦେଖନ୍ତୁ...

# ବାଙ୍ଗିରିପୋଷି ଓ ବିଶୋଇ ବ୍ଲକ୍‌ର କ୍ଷତିଗସ୍ତ ଅଞ୍ଚଳ ପରିଦର୍ଶନ କଲେ ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର, ୨୩।୩ (ଡିକେ ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ କାଳବୈଶାଖୀ ଜନିତ କୁଆପଥର ବର୍ଷାରେ ବ୍ୟାପକ ଅଂଚଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ରବିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ପ୍ରଭାବିତ ଅଂଚଳ ଗସ୍ତରେ ଯାଇଥିଲେ। ବାଙ୍ଗିରିପୋଷି ବ୍ଲକ୍ ର ସୋରାସପୋଷି, ହାଣଦା, ସିଲପୁଞ୍ଜି, ମଣଦା, ମହୁଲବରେଇ ଓ ବିଶୋଇ ବ୍ଲକ୍ ର ମୂଷାମାରି, ପୁଣ୍ଡିଦା, ଖଡମବେଢ଼ା, ସାରସପଡ଼ା, କେଶରଗଡ଼ିଆ ଆଦି ସ୍ଥାନର ସ୍ଥିତି ବୁଲି ଦେଖିଥିଲେ। ଏହି ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ କାଳବୈଶାଖୀ ପ୍ରଭାବରେ କ୍ଷତିଗ୍ରସ୍ତ ଘର ମରାମତି ପାଇଁ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ଓ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା କ୍ଷତିଗ୍ରସ୍ତ ହିତାଧିକାରୀମାନଙ୍କୁ ମଧ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଗୃହ ଯୋଗାଇ ଦିଆଯିବ। ମୟୂରଭଞ୍ଜ ଜିଲ୍ଲାର ପ୍ରଭାବିତ ଅଂଚଳର କ୍ଷୟକ୍ଷତିର ଆକଳନ ଅନୁଯାୟୀ ସରକାରଙ୍କ ପକ୍ଷରୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୧୯ କୋଟି ୬୫ ଲକ୍ଷ ୧୦ ହଜାର ୬୫୮ ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଅଂଚଳରେ ପଲିଥିନ୍ ଯୋଗାଇ ଦିଆଯାଇଥିବାବେଳେ ଆଶ୍ରୟ ସ୍ଥଳରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମନ୍ତ୍ରୀ ଶ୍ରୀ ପୂଜାରୀ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଥିବା ଲୋକମାନଙ୍କ ସହ ମିଶି ଭୋଜନ କରିବା ସହ ଅସ୍ଥାୟୀ ହେଲିପ୍ୟାଡ଼ ଠାରେ ସ୍ଥିତିର ସମୀକ୍ଷା କରିଥିଲେ ଅସନ୍ତାକାଲି ସୁଦ୍ଧା ଗୃହ ମରାମତି, ଆବଶ୍ୟକ ଲୁଗାପଟା, ବାସନକୁସନ ପାଇଁ ଆର୍ଥିକ ସହାୟତା • ପୃଷ୍ଠା ୭ ଦେଖନ୍ତୁ...

# ବେଲୁଚିସ୍ତାନରେ ବିଦ୍ରୋହୀଙ୍କ ବଡ଼ ହମଲା

## ୪ ପୋଲିସ କର୍ମଚାରୀଙ୍କୁ ଘେରାଉ କରି ମାରିଲେ: କଲାତରେ ୪ ଶ୍ରମିକଙ୍କୁ ହତ୍ୟା



ଇସଲାମାବାଦ, ୨୩।୩ (ହି.ସ): ବେଲୁଚିସ୍ତାନର ନୋଶକି ଜିଲ୍ଲାରେ ପାକିସ୍ତାନୀ ସୁରକ୍ଷା ବାହିନୀ ଉପରେ ବଡ଼ ହମଲା। ବେଲୁଚ୍ ବିଦ୍ରୋହୀମାନେ କରିଛନ୍ତି ଆକ୍ରମଣ। ପାକିସ୍ତାନୀ ଗଣମାଧ୍ୟମ ମିଡିଆ ଆଉଟଲେଟ୍ ଏଆରୱାଇ ନ୍ୟୁଜ୍ ରିପୋର୍ଟ କରିଛି ଯେ, ଆକ୍ରମଣରେ ୪ ଜଣ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗରିବାବାଦ ଅଞ୍ଚଳରେ ଗୁଳିକାଣ୍ଡ ଘଟଣା ଘଟିଛି। ସଶସ୍ତ୍ର ଆକ୍ରମଣକାରୀମାନେ ଏକ ପୋଲିସ ପାଟ୍ରୋଲିଂ ଭ୍ୟାନକୁ ଘେରି ଗୁଳି ଚଳାଇଥିଲେ, ଯାହାଫଳରେ ଚାରି ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଥିଲା। ଘଟଣା ଘଟାଇବା ପରେ ସଶସ୍ତ୍ର ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଥିଲେ। ରିପୋର୍ଟ ଅନୁସାରେ, ସୁରକ୍ଷା ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ସ୍ଥାନୀୟ ହସ୍ପିଟାଲକୁ ନେଇଯାଇଥିଲେ। ବେଲୁଚିସ୍ତାନ ମୁଖ୍ୟମନ୍ତ୍ରୀ ମୀର ସରଫରାଜ ବୁଗତି ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରିଛନ୍ତି ଏବଂ ମୂଲ୍ୟବାନ ଜୀବନ ହରାଇବା ପାଇଁ ଗଭୀର ଶୋକ ପ୍ରକାଶ କରିଛନ୍ତି। ବୁଗଲି ଏହି ଆକ୍ରମଣକୁ ନିନ୍ଦା କରି ଏହାକୁ ଏକ କାପୁରୁଷତାପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ ଏବଂ କହିଛନ୍ତି ଯେ ବେଲୁଚିସ୍ତାନରେ ଶାନ୍ତି ଏବଂ ବିକାଶ ପ୍ରକ୍ରିୟାକୁ ବାଧା ଦେବା ପାଇଁ ଏପରି ପ୍ରୟାସ ସଫଳ ହେବ ନାହିଁ। ‘ଯେଉଁମାନେ ନିରୀହ ଲୋକଙ୍କ ଜୀବନ ସହିତ ଖେଳନ୍ତି, ସେମାନଙ୍କୁ ଗମ୍ଭୀର ପରିଣାମ ଭୋଗ କରିବାକୁ ପଡିବ। ଉଲ୍ଲେଖନୀୟ ଯେ, ନେଶକିରେ ନିକଟରେ ଏହା ଘଟିଥିବା ଦ୍ୱିତୀୟ ଘଟଣା। ଏହା ପୂର୍ବରୁ, ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ପାକିସ୍ତାନୀ ସେନାର ଏକ କନଭୟ ଉପରେ ଆକ୍ରମଣ କରିଥିଲା ଏବଂ ସୈନିକ ଭର୍ତ୍ତି ଏକ ବସ୍ ବିସ୍ଫୋରଣ କରିଥିଲା। ବିଦ୍ରୋହୀମାନେ ୯୦ ଜଣ ସୈନିକଙ୍କ ମୃତ୍ୟୁ ଦାବି କରିଥିଲେ। କିନ୍ତୁ ଅଧିକାରୀମାନେ ୭ ଜଣ ସୈନିକଙ୍କ ମୃତ୍ୟୁକୁ ସ୍ୱୀକାର କରିଥିଲେ। ଅନ୍ୟପକ୍ଷରେ, ଶନିବାର ବେଲୁଚିସ୍ତାନର କଲାତ ଜିଲ୍ଲାରେ ସଶସ୍ତ୍ର ଆକ୍ରମଣକାରୀଙ୍କ ଗୁଳିରେ ପଞ୍ଜାବର ଚାରି ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଆକ୍ରମଣକାରୀମାନେ ଖସି ପଳାଇବାରେ ସଫଳ ହୋଇଥିବା ବେଳେ ଶ୍ରମିକମାନଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ରିପୋର୍ଟ ଅନୁସାରେ, ପୀଡିତମାନେ ଜଣେ ସ୍ଥାନୀୟ ଜମିଦାରଙ୍କ ପାଇଁ ଏକ ନଳକୂଅ ଖୋଳୁଥିଲେ।

# ରାଜ୍ୟରେ ଆହୁରି ଦୁଇ ଦିନ ତାଣ୍ଡବ ରଚିବ କାଳବୈଶାଖୀ

## ୧୫ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି

ଭୁବନେଶ୍ୱର, ୨୩।୩ (ଡିକେ ନ୍ୟୁଜ୍): ରାଜ୍ୟରେ ଦୁଇଦିନ ହେଲା କାଳବୈଶାଖୀର ତାଣ୍ଡବ ଜାରି ରହିଛି। ଗଞ୍ଜାମ, ମୟୂରଭଞ୍ଜ, ନୟାଗଡ଼, ନବରଙ୍ଗପୁର ଓ ବାରିପଦାରେ ତୁହାକୁ ତୁହା ବର୍ଷା ହୋଇଥିଲା। ଶନିବାର ବଜ୍ରପାତରେ ଦିଗପହଣ୍ଡି ଓ ବ୍ରହ୍ମଗିରିରେ ଦୁଇ ଜଣ ପ୍ରାଣ ହରାଇଛନ୍ତି। ବ୍ରହ୍ମପୁର ଏମକେସିଜି ପରିସରରେ ବର୍ଷା ପାଣି ପଶି ବନ୍ୟା ସୃଷ୍ଟି କରିଛି। ବିଜୁଳି ଓ ଘଡ଼ଘଡ଼ିର ଗର୍ଜନ ଭୟର ବାତାବରଣ ସୃଷ୍ଟି କରିଛି। ଆଉ ଦୁଇ ଦିନ କାଳବୈଶାଖୀ ପ୍ରଭାବରେ ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ବମକେଇ ପଞ୍ଚାୟତରେ କ୍ରିକେଟ୍ ଖେଳୁଥିବା ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କର ବଜ୍ରପାତରେ ମୃତ୍ୟୁ ହୋଇଛି। ସେହିଭଳି ପୁରୀ ଜିଲ୍ଲା ବ୍ରହ୍ମଗିରିରେ ପରିବା କ୍ଷେତରେ ପାଣି ମଡ଼ାଇବା ସମୟରେ ଜଣେ ଚାଷୀ ବଜ୍ରାଘାତରେ ଟଳି ପଡ଼ିଛନ୍ତି। ଗଞ୍ଜାମ ଜିଲ୍ଲାରେ ଶନିବାର ମଧ୍ୟାହ୍ନରେ



କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ଓ ଘନ ଘନ ବଜ୍ରପାତ ହୋଇଥିଲା। ନିର୍ଦ୍ଧୁମ ବର୍ଷାରେ ବ୍ରହ୍ମପୁର ସହରରେ ପାଣିର ସୁଅ ବନ୍ୟା ସ୍ଥିତି ସୃଷ୍ଟି କରିଥିଲା। ପ୍ରବଳ ବର୍ଷା ଯୋଗୁ ଜଳବନ୍ଦୀରେ ଫସି ଯାଇଥିବା ଜଣେ ଦୃଷ୍ଟିହୀନ ବୃଦ୍ଧାଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିଲେ। ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଓପିଡିରେ ମଧ ବର୍ଷା ପାଣି ପଶି ଯାଇଥିଲା। ସହରର ଏକାଧିକ ସ୍ଥାନରେ ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ସେହିପରି ନବରଙ୍ଗପୁରରେ କୁଆପଥର ବର୍ଷା ଓ ବଜ୍ରପାତ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଝରିଗାଁ ସାପ୍ତାହିକ ହାଟରେ କୁଆପଥର ମାଡ଼ ଯୋଗୁ ଅନେକ ଲୋକ ଆହତ ହୋଇଛନ୍ତି। କୁଆପଥର ଏତେ ବଡ଼ ବଡ଼ ଥିଲା ଯେ ଏହାର ମାଡ଼ରେ ଅନେକ ଲୋକଙ୍କ ମୁଣ୍ଡ ଫାଟି ଯାଇଛି। କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ବିଭିନ୍ନ ସ୍ଥାନରେ ବର୍ଷା ସହିତ କୁଆପଥର ମାଡ଼ ହୋଇଛି। ମୟୂରଭଞ୍ଜର ବାରିପଦାରେ ଅପରାହ୍ନରୁ ତୁହାକୁ ତୁହା ବର୍ଷା ଲାଗି ରହିଥିଲା। ନୟାଗଡ଼ରେ ବର୍ଷା ସାଙ୍ଗକୁ ବଜ୍ରପାତ ଓ କୁଆପଥର ମାଡ଼ ହୋଇଥିଲା। ସୋମବାର କଳାହାଣ୍ଡି, କନ୍ଧମାଳ, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ଅଛି। ୨୫ ତାରିଖରେ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତିରେ ବର୍ଷା ଓ ବଜ୍ରପାତ ସମ୍ଭାବନା ରହିଛି। ଉପକୂଳ ଓ ଉତ୍ତର ଓଡ଼ିଶାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଓ କୁଆପଥର ମାଡ଼ରେ ଚାଷ କ୍ଷତିଗ୍ରସ୍ତ ହେବା ସହ କଚ୍ଚା ଘର କାନ୍ଥ ଓ ଅନ୍ୟ ଦୁର୍ବଳ ଭିତ୍ତିଭୂମି ଭାଙ୍ଗି ଯିବାର ଆଶଙ୍କା ରହିଥିବାରୁ ପାଣିପାଗ ବିଭାଗ ସତର୍କତା ଜାରି କରିଛି। ଗତ ୨୪ ଘଣ୍ଟାରେ • ପୃଷ୍ଠା ୭ ଦେଖନ୍ତୁ...